# NATIONAL NEWS BULLETIN (ODIA)
## 24th May - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶର ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ଲାଗି ଆସନ୍ତାକାଲି ହେବ ମତଦାନ ।

- ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ଲାଗି ଆସନ୍ତା ଜୁନ୍ ପହିଲା ଦିନ ଭୋଟଗ୍ରହଣ କରାଯିବ ।

- ମହାରାଷ୍ଟ୍ରର ଡୋମ୍ବିଭ୍ଲିସ୍ଥିତ ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ।

— ମୃତକଙ୍କ ପରିବାରବର୍ଗଙ୍କ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ହମାସ ସହ ପଣବନ୍ଦୀଙ୍କୁ ମୁକ୍ତ ଏବଂ ଅସ୍ତ୍ର ବିରତି ଆଲୋଚନା ନେଇ ପ୍ରସ୍ତୁତ ନୂଆ ନିର୍ଦ୍ଦେଶାବଳୀକୁ ଇସ୍ରାଏଲ୍‌ର ଯୁଦ୍ଧ କ୍ୟାବିନେଟ୍ ଅନୁମୋଦନ କରିଛି ।

## ଇଲେକ୍‌ସନ୍ କ୍ୟାମ୍ପେନ୍

ଦେଶର ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆସନ୍ତାକାଲି ମତଦାନ ହେବ । ଏଥିପାଇଁ ଗତକାଲି ସଂଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ । ଆସନ୍ତାକାଲି ଉତ୍ତରପ୍ରଦେଶର ୧୪ଟି, ହରିୟାଣାର ସମସ୍ତ ୧୦ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଦିଲ୍ଲୀର ସମସ୍ତ ୭ଟି, ଓଡ଼ିଶାର ୬ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ ।

ସେହିଦିନ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬ଟି ଲୋକସଭା ଆସନ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ ଏବଂ ଏହିସବୁ ଆସନ ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମଧ୍ୟ ଏକସଙ୍ଗେ ଭୋଟ୍‌ଗ୍ରହଣ କରାଯିବ।

## ପି.ଏମ୍. ର୍‍ୟାଲି

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ହରିଆନାର ମହେନ୍ଦ୍ରଗଡ଼ଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିଥିବାବେଳେ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ବୁଧବାର ଦିନ ଏହି ନିର୍ବାଚନମଣ୍ଡଳୀରେ ଅନ୍ୟ ଏକ ଜନସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଆମ ସମ୍ବାଦଦାତା ଜଣାଇଛନ୍ତି, ହରିୟାଣାର ୧୦ଟିଯାକ ଲୋକସଭା ଆସନପାଇଁ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଗତ ସନ୍ଧ୍ୟାରେ ଶେଷ ହୋଇଛି । ଆସନ୍ତାକାଲି ସେଠାରେ ମତଦାନ ହେବ । ରାଜ୍ୟରେ ମୁଖ୍ୟତଃ ବି.ଜେ.ପି. ଓ କଂଗ୍ରେସ  ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଛି । ବି.ଜେ.ପି. ସମସ୍ତ ଆସନ ପୁଣି ଥରେ ନିଜ ନିକଟରେ ରଖିବାକୁ ଚେଷ୍ଟା କରୁଥିବାବେଳେ କଂଗ୍ରେସ ମଧ୍ୟ ଏହି ଆସନଗୁଡ଼ିକରେ ବିଜୟୀ ହେବା ଲାଗି ଚେଷ୍ଟା କରୁଛି । ବିଭାନୀ-ମହେନ୍ଦ୍ରଗଡ଼

ଆସନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧି ୨୪ ଘଣ୍ଟା ଅବଧି ମଧ୍ୟରେ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିଥିବା ଦୃଷ୍ଟିରୁ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏନ୍.ଡି.ଏ. ସରକାରଙ୍କଦ୍ୱାରା ଆରମ୍ଭ କରାଯାଇଥିବା ଅଗ୍ନିବୀର ଯୋଜନାଦ୍ୱାରା ବି.ଜେ.ପି. ଭାରତୀୟ ସେନାକୁ ଅପମାନିତ କରିଛି ବୋଲି କଂଗ୍ରେସ ନେତା ଶ୍ରୀ ଗାନ୍ଧି ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ସେନାରେ 'ଏକ ପଦବୀ ଏକ ପେନ୍‌ସନ୍' ପ୍ରସଙ୍ଗକୁ ଏହି ଦଳ କେବେ ବି ଗୁରୁତ୍ୱ ଦେଇ ନ ଥିଲା ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କଂଗ୍ରେସ ବିପକ୍ଷରେ ପାଲଟା ଅଭିଯୋଗ କରିଛନ୍ତି ।

## ନିର୍ବାଚନ - ସପ୍ତମ ପର୍ଯ୍ୟାୟ

ଦେଶର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ଲାଗି ଆସନ୍ତା ଜୁନ୍ ପହିଲା ଦିନ ମତଗ୍ରହଣ ହେବ । ଏଥିଲାଗି ମୋଟ୍ ୨ ହଜାର ୧୦୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ସେଗୁଡ଼ିକ ଯାଞ୍ଚ୍ ପରେ ୯୫୪ଟି ନାମାଙ୍କନ ବୈଧ ବିବେଚିତ ହୋଇଥିଲା । ତେବେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ

ତାରିଖ ପରେ ଏହି ପର୍ଯ୍ୟାୟରେ ମୋଟ୍ ୯୦୪ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଯାଇଛି ।

ସପ୍ତମ ପର୍ଯ୍ୟାୟରେ ପଞ୍ଜାବର ୧୩ଟି ଲୋକସଭା ଆସନ ଲାଗି ସର୍ବାଧିକ ୫୯୮ଟି ଏବଂ ଉତ୍ତର ପ୍ରଦେଶର ସମାନ ସଂଖ୍ୟକ ଆସନ ଲାଗି ୪୯୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଏହି ପର୍ଯ୍ୟାୟ ଲାଗି ଗୋଟିଏ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ହାରାହାରି ସଂଖ୍ୟା ୧୬ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ୟୁ.ପି. ର୍ୟାଲି

ଉତ୍ତର ପ୍ରଦେଶରେ ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କୁଶୀନଗର, ବାଲିଆ ଓ ସୋନଭଦ୍ରା ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହାରାଜଗଞ୍ଜ, କୁଶୀନଗର ଦେଓରିୟା ଓ ଗୋରଖପୁରଠାରେ ବି.ଜେ.ପି. ଲାଗି ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ କଂଗ୍ରେସର ମୁଖପାତ୍ର ଅଭୟ ଦୁବେ ଏବଂ ଗଣମାଧ୍ୟମ ଦାୟିତ୍ୱରେ ଥିବା ସି.ପି. ରାୟଙ୍କ ପକ୍ଷରୁ ବାରାଣସୀଠାରେ ଦଳୀୟ ପ୍ରାର୍ଥୀ ଅଜୟ ରାୟଙ୍କ ସପକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଆଇ ଏଣ୍ଡ୍ ବି. - ସେକ୍ରେଟାରୀ ଭିଜିଟ୍

କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, ଯୁବପିଢ଼ିଙ୍କୁ ଭିଜୁଆଲ୍ ଇଫେକ୍ଟ ଏବଂ ଆନିମେସନ୍ ଉପରେ ପ୍ରଶିକ୍ଷଣ ଦେବା ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଚେନ୍ନାଇରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ୩ଲକ୍ଷ କୋଟି ଟଙ୍କାର ଚଳଚ୍ଚିତ୍ର ନିର୍ମାଣ ଶିଳ୍ପକୁ ଆଧୁନିକ ଜ୍ଞାନକୌଶଳର ବିଭିନ୍ନ ଦିଗ ଉପରେ ଦକ୍ଷତାର ଆବଶ୍ୟକତା ରହିଛି । ଶ୍ରୀ ଜାଜୁ ଏହି ଅବସରରେ ମନ୍ତ୍ରଣାଳୟର ଏ ନେଇ ଭବିଷ୍ୟତ ଲକ୍ଷ୍ୟ ଉପରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ ।

# ମହା - ଡୋମ୍ବିଭ୍ଲି ବ୍ଲାଷ୍ଟ

ମହାରାଷ୍ଟ୍ରର ଡୋମ୍ବିଭ୍ଲିସ୍ଥିତ ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ୨ ଜଣ ମହିଳାଙ୍କ ସମେତ ୮ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଏହାବ୍ୟତୀତ ଅନ୍ୟ ୬୦ ଜଣ ଶ୍ରମିକ ଏହି ଅଗ୍ନିକାଣ୍ଡରେ ଆହତ ହୋଇଛନ୍ତି । ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ଲାଗି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିଭଳି ଆହତଙ୍କର ଚିକିତ୍ସା ଲାଗି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସେ କହିଛନ୍ତି । ଏହାଛଡ଼ା ଘଟଣାର ପୁଙ୍ଖାନୁପୁଙ୍ଖ ଦତନ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ସିନ୍ଦେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଗ୍ନିକାଣ୍ଡରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଚିକିତ୍ସା କରାଯାଇପାରିବ, ସେଦିଗରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଏହି ଘଟଣା ଲାଗି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସିନ୍ଦେ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବୀଶ ମଧ୍ୟ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି ।

# ଲଦାଖ୍ - ରେଜୁପାଭ୍

ଲଦାଖର କାର୍ଗିଲ୍‌ରେ ରେଜୁପାଭ୍ ସଡ଼କ ନିର୍ମାଣ ଜ୍ଞାନକୌଶଳକୁ ସୀମା ସଡ଼କ ସଂଗଠନ ବି.ଆର୍.ଓ. ପ୍ରକଳ୍ପ ବିଜୟକ୍'ରେ ସଫଳତାର ସହ ବ୍ୟବହାର କରିଛି । ମୁଖ୍ୟ ବୈଜ୍ଞାନିକ ତଥା ରେଜୁପାଭ୍‌ର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି, ଏହି ଜ୍ଞାନକୌଶଳ ଥଣ୍ଡା ତାପମାତ୍ରାରେ ସଡ଼କ ନିର୍ମାଣକୁ ସହଜ କରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ମଧ୍ୟ ହ୍ରାସ କରେ । ଲଦାଖ ପରିବେଶର ସମ୍ବେଦନ ଅଞ୍ଚଳ ସଂରକ୍ଷଣରେ ଏହା ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ରେଜୁପାଭ୍ ପ୍ରଣାଳୀ ବ୍ୟବହାର ଦ୍ୱାରା ସଡ଼କ ଗୁଡ଼ିକ ଉନ୍ନତ ଏବଂ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ପ୍ରୋଜେକ୍ଟ ବିଜୟକ ର ଦାୟିତ୍ୱରେ ଥିବା ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଦିବ୍ୟାଙ୍କିତ୍ ନୈନ୍‌ତାଲ କହିଛନ୍ତି, ରେଜୁପାଭ୍‌ର ବ୍ୟବହାର ଦ୍ୱାରା ପରିବହନ ସମୟରେ ସୃଷ୍ଟି ହେଉଥିବା ଉତାପ ହ୍ରାସ ପାଇଥାଏ । ୧୩ହଜାର ଫୁଟ୍ ଉଚ୍ଚତାରେ ଥିବା ଦ୍ରାସ୍ ଉମ୍ବାଲା ଏବଂ ସାନ୍‌କୁ ରାସ୍ତାରେ ମଧ୍ୟ ଏହାର ସଫଳ ପରୀକ୍ଷଣ କରାଯାଇଛି ବୋଲି ବି.ଆର୍.ଓ. ପକ୍ଷରୁ ସୂଚନା ଦିଆଯାଇଛି ।

## ଇସ୍ରାଏଲ୍ - ହମାସ୍

ହମାସ ସହ ପଣବନ୍ଦୀଙ୍କୁ ମୁକ୍ତ ଏବଂ ଅସ୍ତ୍ର ବିରତି ଆଲୋଚନା ନେଇ ପ୍ରସ୍ତୁତ ନୂଆ ନିର୍ଦ୍ଦେଶାବଳୀକୁ ଇସ୍ରାଏଲ୍‌ର ଯୁଦ୍ଧ କ୍ୟାବିନେଟ୍ ଅନୁମୋଦନ କରିଛି । ସେଠାକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଯୁଦ୍ଧ କ୍ୟାବିନେଟ୍ ମୋସାଦ ମୁଖ୍ୟ ଡେଭିଡ୍ ବାର୍ଣ୍ଣିଆ ଏବଂ ଶିନ୍ ବେଟ୍‌ର ନିର୍ଦ୍ଦେଶକ ରୋନେନ ବାର୍‌ଙ୍କ ସମେତ ହମାସ ସହ ଆଲୋଚନା କରୁଥିବା ଦଳକୁ ପଣବନ୍ଦୀଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ଗତ ଅକ୍ଟୋବର ୭ ତାରିଖରେ ହମାସ ଦ୍ୱାରା ନାହାଲ୍ ଓଜ୍ ଅଞ୍ଚଳରୁ ୫ ଜଣ ମହିଳା ସୈନିକଙ୍କୁ ଅପହରଣ କରାଯାଇଥିବା ସଂକ୍ରାନ୍ତ ଭିଡ଼ିଓ ଫୁଟେଜ୍‌କୁ ସେମାନଙ୍କ ପରିବାରବର୍ଗ ଜଣାଇବା ପରେ ଯୁଦ୍ଧ କ୍ୟାବିନେଟ୍ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁଯାୟୀ ୧୨୮ ଜଣଙ୍କୁ ଏବେ ମଧ୍ୟ ହମାସ ପଣବନ୍ଦୀ କରି ରଖିଛି ।

## ଏଫ୍.ଆଇ.ଏଚ୍. ହକି

ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଗତକାଲି ଭାରତ ପୁରୁଷ ହକି ଦଳ ଅଲିମ୍ପିକ୍ ଚାମ୍ପିୟନ ବେଲ୍‌ଜିୟମ୍‌ଠାରୁ ୧-୪ ଗୋଲ୍‌ରେ

ହାରିଯାଇଛି । ତେବେ ବୁଧବାର ଦିନ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚ୍‌ରେ ହରମନ ପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ଆର୍ଜେନଷ୍ଟିନାକୁ ପରାସ୍ତ କରିଥିଲା । ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଖେଳିଥବା ୧୦ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ୍ ପାଇ ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନରେ ରହିଥିବାବେଳେ ବେଲ୍‌ଜିୟମ୍ ଖେଳିଥିବା ୬ଟି ମ୍ୟାଚ୍‌ରୁ ୬ ପଏଣ୍ଟ୍ ସହିତ ସପ୍ତମ ସ୍ଥାନରେ ରହିଛି । ଆସନ୍ତାକାଲି ଉଭୟ ଦଳ ପୁଣି ପରସ୍ପରକୁ ଭେଟିବେ ।

ଅନ୍ୟପକ୍ଷରେ ଏହି ଲିଗ୍‌ର ମହିଳା ବର୍ଗରେ ଭାରତୀୟ ଦଳ ବେଲ୍‌ଜିୟମ୍‌ଠାରୁ ୨-୦ ଗୋଲ୍‌ରେ ହାରିଯାଇଛି । ପୂର୍ବରୁ ଭାରତୀୟ ମହିଳା ଦଳ ଆର୍ଜେଣ୍ଟିନା ବିପକ୍ଷରେ ମଧ୍ୟ ୫-୦ରେ ପରାସ୍ତ ହୋଇଛି । ଆସନ୍ତାକାଲି ଭାରତୀୟ ଦଳ ପୁଣି ବେଲ୍‌ଜିୟମ୍ ସହିତ ମୁକାବିଲା କରିବ ।

## ବକ୍ସିଂ - ଥାଇଲାଣ୍ଡ ଟୁର୍ଣ୍ଣାମେଣ୍ଟ

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ବିଶ୍ୱ ବକ୍ସିଂ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଏବଂ ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତର ୧୦ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି । ଏହି ପ୍ରତିଯୋଗିତାରୁ ଯୋଗ୍ୟ ବିବେଚିତ ଖେଳାଳୀମାନେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ ।

ପୁରୁଷ ୫୭ କିଲୋଗ୍ରାମ୍ ବର୍ଗରେ ଭାରତର ସଚିନ୍ ସିୱାଚ୍ ଆଜି ନ୍ୟୁଜିଲାଣ୍ଡର ଆଲେକ୍ସ ମୁକୁକାଙ୍କୁ ଭେଟିବେ । ସେହିଭଳି ୫୧ କିଲୋଗ୍ରାମ୍ ବର୍ଗରେ ୨୦୧୯ ବିଶ୍ୱ ପ୍ରତିଯୋଗିତାର ରୌପ ପଦକ ବିଜେତା ଅମିତ୍ ପନ୍‌ଘଲ୍ କିର୍‌ଗିଜ୍‌ସ୍ତାନର ଆନ୍‌ଭାର୍ଜାନ୍ ଖୋଡ୍‌ଝିଭ୍‌ଙ୍କୁ କିମ୍ବା ଚୀନ୍‌ର ଲିଉ ଚୁଆଙ୍ଗ୍‌ଙ୍କ ସହିତ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ଭାରତର ୭ ଜଣ ପୁରୁଷ ଓ ୩ ଜଣ ମହିଳାଙ୍କ ସମେତ ଏଥିରେ ଅଂଶଗ୍ରହଣ କରିଥିବା ୧୩୩ଟି ଦେଶର ମୋଟ୍ ୫ ଶହ ଅଣାଅଶୀ ଜଣ ମୁଷ୍ଟିଯୋଦ୍ଧା ଭାଗ ନେଇଛନ୍ତି ।

*****